# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୦୩.୨୦୨୫ ରିଖ

ସମୟ-ଅପରାହ୍ନ ଘ.୦୫.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ରାଜକିଶୋର ଦାସ, ଚେୟାରମ୍ୟାନ୍,
୨. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ,
୩. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୪. ଶ୍ରୀ ଶିବ ପ୍ରସାଦ ବେହେରା,
୫, ଅସିୟା ବେଗମ୍

ଅଦ୍ୟ ତା ୨୦.୦୩.୨୦୨୫ ରିଖ ଅପରାହ୍ନ ଘ.୦୫.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ନିଗମର ରାଜସ୍ୱ ଆଦାୟର ଧାର୍ଯ୍ୟ ଲକ୍ଷ୍ୟପୂରଣ ନିମନ୍ତେ ୱାର୍ଡ଼ ଅଫିସରମାନେ ୱାର୍ଡ଼ରୁ ଆଦାୟ ହେଉଥିବା ରାଜସ୍ୱ ସମ୍ପର୍କରେ WCC କମିଟି ମିଟିଙ୍ଗରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). TPCODL ଯେଉଁଭଳି ବିଦ୍ୟୁତ୍ ଗ୍ରାହକଙ୍କୁ ବିଦ୍ୟୁତ୍ ବିଲ୍ ସମ୍ବନ୍ଧରେ ପ୍ରତି ମାସରେ ମ୍ୟାସେଜ୍ ପଠାଉଅଛନ୍ତି ସେହିଭଳି ନିଗମ ତରଫରୁ ଗୃହ ଟିକସ ଏବଂ ଟ୍ରେଡ୍ ଲାଇସେନ୍ସ ସମ୍ବନ୍ଧରେ ଗୃହକର୍ତ୍ତା/ ମାଲିକ ମାନଙ୍କୁ ମ୍ୟାସେଜ୍ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). କେତେକ ୱାର୍ଡ଼ରେ ୱାର୍ଡ଼ ଅଫିସ୍ କାର୍ଯ୍ୟ ସେହି ୱାର୍ଡ଼ରେ ଥିବା କମ୍ୟୁନିଟି ସେଂଟରରେ ଚାଲୁଥିଲା ଏବେ ଯଦି ସେହି ୱାର୍ଡ଼ରେ ନୂତନ ୱାର୍ଡ଼ ଅଫିସ୍ କାର୍ଯ୍ୟକ୍ଷମ ହେଲାଣି, ତେବେ ଉକ୍ତ କମ୍ୟୁନିଟି ସେଂଟରକୁ ସାମାଜିକ ଉତ୍ସବ ପାଇଁ ଭଡ଼ାସୂତ୍ର ଦେଇ ରାଜସ୍ୱ ଆଦାୟ କରିବା ଏବଂ ସାମାଜିକ ଉତ୍ସବ ନଥିବା ସମୟରେ ସେହି ଅଂଚଳର ବିଭିନ୍ନ ବର୍ଗର ଲୋକ ନିର୍ଦ୍ଦିଷ୍ଟ ସମୟ ପାଇଁ ୱାର୍ଡ଼ ଅଫିସରଙ୍କ ଠାରୁ ଅନୁମତି ନେଇ ବ୍ୟବହାର କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ସହିଦନଗର ହାଟରେ ନିର୍ମାଣ ହୋଇଥିବା ପିଣ୍ଡି ଓ ଦୋକାନ ଗୃହ ଗୁଡ଼ିକୁ ହିତାଧିକାରୀମାନଙ୍କୁ ଶୀଘ୍ର ଆବଂଟନ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ସନ୍ଧ୍ୟା ୭.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୨୦.୦୩.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୧୯.୦୩.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାର୍‌ମ୍ୟାନ୍,
୨. ଶ୍ରୀମତୀ ରଞ୍ଜୁଲତା ରାୟ,
୩. ଶ୍ରୀମତୀ ମୋନାଲିସା ସାହୁ,
୪. ଶ୍ରୀମତୀ ଛବି ଦାଶ,
୫. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୬. ଶ୍ରୀ ଭରତ କୁମାର ଲେଙ୍କା,
୭. ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ

ଅଦ୍ୟ ତା ୧୯.୦୩.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିମ୍ନଲିଖିତ ବୈଦ୍ୟୁତିକ କାର୍ଯ୍ୟ ପାଇଁ ପାର୍ଶ୍ୱଲିଖିତ ଅଟକଳ ମୂଲ୍ୟର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର:-

| କ୍ର.ନଂ | କାର୍ଯ୍ୟର ନାମ/ ନଥି ନଂ | ଅଟକଳ ପରିମାଣ |
|---|---|---|
| 1 | Provision of 120 Watt LED street light in the existing pole from Airport to Airport Staff Colony road XXVII-14/2025 | Rs.4,42,122/- |
| 2 | Internal wiring to the Pindis on ground floor at Bhawani Mall, Saheed Nagar XXVII-23/2025 | Rs.4,98,469/- |
| 3 | Provision of internal electrical wiring to Samantarapur light house in Ward No.-59 XXVII-44/2025 | Rs.4,98,498/- |

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ ତିନି ଗୋଟି କାର୍ଯ୍ୟ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୨(୧). ଯେଉଁ ମନ୍ଦିରରେ ହୋଟେଲ୍ ଭଳି ପ୍ରସାଦ ବିକ୍ରି କରୁଛନ୍ତି ସେଠାରୁ ବହୁ ଅଳିଆ ବାହାରୁଅଛି ଏବଂ ଭୁବନେଶ୍ୱର ମହାନଗର ନିଗମ ତାକୁ ସଫା କରୁଅଛି, ତେଣୁ ସେମାନଙ୍କ ଠାରୁ ୟୁଜର୍ସ ଫି ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା Public Toilet ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଯେଉଁମାନେ ବ୍ୟବହାର କରୁଛନ୍ତି ସେମାନଙ୍କ ଠାରୁ ଟ୫/- ଲେଖାଏଁ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୩). ଯେହେତୁ ଲୋକମାନେ ୟୁଜର୍ସ ଫି ଆଗରୁ ଦେଉନଥିଲେ, ତେଣୁ ଲୋକମାନଙ୍କୁ ୟୁଜର୍ସ ଫି ଦେବା ନିମନ୍ତେ ସଚେତନ କରାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ସଂସ୍ଥା ଯଥା:-ଓଡ଼ିଶା ପ୍ରଶାସନିକ ସଂଘ, ଓଡ଼ିଶା ଇଞ୍ଜିନିୟରିଂ ସଂଘ ଆଦି ସରକାରଙ୍କ ଠାରୁ ଗୃହ ନେଇ ସେଠାରେ ବିଭିନ୍ନ ସାମାଜିକ କାର୍ଯ୍ୟ ଓ ଭୋଜି ପାଇଁ ଭଡ଼ାଦେଇ ଅର୍ଥ ଆଦାୟ କରୁଛନ୍ତି, ସେଠାରୁ ବହୁ ଅଳିଆ ବାହାରୁଅଛି ଏବଂ ଭୁବନେଶ୍ୱର ମହାନଗର ନିଗମ ସଫା କରୁଅଛି, ତେଣୁ ସେଠାରୁ ୟୁଜର୍ସ ଫି ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୫). ମଶା ବଂଶ ବୃଦ୍ଧିକୁ ରୋକିବା ପାଇଁ ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ନାଳରେ ମଶାତେଲ ପକାଇବା ନିମନ୍ତେ ପ୍ରତ୍ୟେକ ଜୋନ୍‌ରେ ୧୦ ଜଣ ଲେଖାଏଁ ମଜୁରିଆ ତିନି ମାସ ପାଇଁ ନିୟୋଜନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଦ୍ୟୁତ୍ ଖୁଂଟରେ ଲାଗୁଥିବା ବିଦ୍ୟୁତ୍ ବଲ୍ ଗୁଡ଼ିକ କ୍ରମ୍ପଟନ୍, ହାଭେଲ୍‌ସ ଓ ଫିଲିପ୍‌ସ କମ୍ପାନୀର ବଲ୍ ଏବେଠାରୁ ଲଗାଇବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୭). ଭୁବନେଶ୍ୱର ମହାନଗର ନିଗମାଂଚଳରେ ନାଳ ଉପରେ ସ୍ଲାବ୍ ପକାଇବା ପାଇଁ ଯେଉଁ ଠିକାଦାରମାନେ ଠିକା ନେଇଥିଲେ ଚୁକ୍ତିପତ୍ର ସର୍ତ୍ତ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିନାହାଁନ୍ତି ସେମାନଙ୍କର ବିଲ୍ ପଇଠ ନକରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୮). ଆଗକୁ ବର୍ଷାଋତୁ ଆସୁଥିବାରୁ ଭୁବନେଶ୍ୱର ମହାନଗର ନିଗମାଂଚଳରେ ସୁରୁଖୁରୁପେ ଜଳ ନିଷ୍କାସନ ପାଇଁ ସମସ୍ତ ଡ୍ରେନ୍ ଗୁଡ଼ିକର ସଫେଇ କାର୍ଯ୍ୟ ତା ୩୧.୦୫.୨୦୨୫ ରିଖ ସୁଧା ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୯). ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିର୍ମାଣ ହେଉଥିବା "ଲୁ" ଗୁଡ଼ିକୁ ବିଦ୍ୟୁତ୍ ଓ ଜଳଯୋଗାଣ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୦). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ଚିକିତ୍ସାଳୟକୁ ୮ ଜଣ ANM ଓ ୭ ଜଣ ଆଟେଣ୍ଡେଣ୍ଟ୍ ମେସର୍ସ ପ୍ରତ୍ୟୁଷ ଯୋଗାଉଅଛି । ତାଙ୍କର ଚୁକ୍ତିପତ୍ର ମିଆଦ ତା ୩୧.୦୫.୨୦୨୫ ରିଖରେ ପୂରଣ ହେଉଅଛି, ଏଥିପାଇଁ ଶୀଘ୍ର ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ଓ ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ମେସର୍ସ ପ୍ରତ୍ୟୁଷଙ୍କର ଚୁକ୍ତିପତ୍ର ମିଆଦ ଆଉ ତିନି ମାସ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୧). ପୁରୁଣା ଭୁବନେଶ୍ୱର ସ୍ଥିତ ଷ୍ଟେଟ୍ ବ୍ୟାଙ୍କ୍ ଶାଖା CSR fund ମାଧ୍ୟମରେ ଏବଂ 150 liter Horizontal autoclave ପୌର ଚିକିତ୍ସାଳୟକୁ ପ୍ରଦାନ କରିଛନ୍ତି । ଏହାକୁ ସ୍ଥାପନ କରିବା ପାଇଁ ତଳ ମହଲାର ଉପରେ ଏକ ଆଲୁମିନିୟମ୍ ପାର୍ଟିସନ୍ ନିର୍ମାଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୨). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ପୌର ଚିକିତ୍ସାଳୟରେ କାର୍ଯ୍ୟରତ ଡ଼. ନିରଞ୍ଜନ ପାଢୀ ଦୁର୍ଘଟଣାରେ ଆହତ ଥିବାରୁ ପ୍ରାୟ ତିନି ମାସ କାର୍ଯ୍ୟରେ ଯୋଗ ଦେଇପାରିବେ ନାହିଁ, ତେଣୁ ଜରୁରୀ ଆବଶ୍ୟକତା ଦୃଷ୍ଟିରୁ ଏବଂ ରୋଗୀଙ୍କୁ ସେବା ଯୋଗାଇଦେବା ଓ ଭେଷଜ ବର୍ହିବିଭାଗ ପରିଚାଳନା ପାଇଁ ସାମୟିକ ଭାବେ ତିନି ମାସ ପାଇଁ ଜଣେ ଭେଷଜ ବିଶେଷଜ୍ଞଙ୍କ ଗୋଟିଏ ସେସନ୍ ପାଇଁ ଟ୫,୦୦୦/-ଙ୍କା (ପାଂଚ ହଜାର ଟଙ୍କା) ମାତ୍ର ହାରରେ ନିୟୋଜନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୩). ଭୁବନେଶ୍ୱର ମହାନଗର ନିଗମର ୬ ନଂ ଡ୍ରେନ୍‌ଟି ୪୫ ନଂ ୱାର୍ଡ଼ର ଶବରସାହି ଜାଲିଗଳି ରାସ୍ତା ତଳେ ପାର ହେଲାପରେ ସରକାରୀ ଓ ଘରୋଇ ଜମି ଉପରେ ପ୍ରବାହିତ ହେଉଅଛି । ଡ୍ରେନ୍‌ର ଏହି ଅଂଶରେ ପ୍ରାୟ ୩୦୦ ମିଟର ନିର୍ମାଣ ଅନେକ ବର୍ଷ ପୂର୍ବେ ପଥରରେ ନିର୍ମିତ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ରହିଅଛି । ସାରୁ ଗାଡ଼ିଆ ନିକଟରେ ପଥର କାନ୍ଥ ଉପରେ ଘରୋଇ ଓ ତାପରେ ସରକାରୀ ଜମିରେ ପ୍ରବାହିତ ହୋଇ ଦୟା ୱେଷ୍ଟ କେନାଲ୍ ସାଇଫନ୍‌କୁ ସଂଯୋଗ କରୁଛି । ଜଳ ପ୍ଲାବନରୁ ରକ୍ଷା ନିମନ୍ତେ ଏଠାରେ ସରକାରୀ ଜମି ଉପରେ କଂକ୍ରିଟ୍ ଡ୍ରେନ୍ ନିର୍ମାଣ ହୋଇଥିଲେ ମଧ ଏହାର ଉପର ଅଂଶରେ ଥିବା ଡ୍ରେନ୍ ଜମି ଅଧିଗ୍ରହଣ ହୋଇନଥିବାରୁ ସଂଯୋଗ ହୋଇପାରିନାହିଁ । ଗତ ତା ୧୦.୦୨.୨୦୨୫ ରିଖରେ ଉକ୍ତ କାର୍ଯ୍ୟର ଏ.ଜି ଅଡ଼ିଟ୍ କରୁଥିବା ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଅସମ୍ପୂର୍ଣ୍ଣ କାର୍ଯ୍ୟ ନିମନ୍ତେ ସ୍ପଷ୍ଟିକରଣ ମାଗିଛନ୍ତି । ଏହାଛଡ଼ା ଏଠାରେ ସି.ଡ଼ି.ପି-୨୦୧୦ ମୁତାବକ ଜମି ଅଧିଗ୍ରହଣ କଲେ, ପୂର୍ବରୁ ନିର୍ମିତ ପଥର ନାଳକୁ ବାଦ୍ ଦେଇ ଏବଂ ଘରୋଇ ପ୍ଲଟ୍ ଗୁଡ଼ିକ ମଧ ଭାଗରେ ଡ୍ରେନ୍ ନେବାକୁ ହେବ ।

ଡ୍ରେନ୍ ପ୍ରବାହିତ ହେଉଥିବା ଜମିକୁ ଅଧିଗ୍ରହଣ ନିମନ୍ତେ ସି.ଡ଼ି.ପି କୁ ପରିବର୍ତ୍ତନ କରାଯାଇ ଅନୁମୋଦନ କରିବା ଏବଂ ଆବଶ୍ୟକ ଘରୋଇ ଜମିକୁ ମୁନିସିପାଲ୍ ଆକ୍ଟ-୨୮୮ ମତେ ଅଧିଗ୍ରହଣ କରି ଅସମ୍ପୂର୍ଣ୍ଣ ଡ୍ରେନ୍ ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସର୍ବ ସମ୍ମତିକ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୫୬ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୧୯.୦୩.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ୱ୍ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୦୩.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୦.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍
୨. ଶ୍ରୀ ଅମରେଶ ଜେନା,
୩. ଶ୍ରୀମତୀ ପଙ୍କଜା ପ୍ରିୟଦର୍ଶିନୀ ଜେନା,
୪. ଶ୍ରୀମତୀ ସମିତା ମହାନ୍ତି,
୫. ସେକ୍ ନୁରହାସନ୍

ଅଦ୍ୟ ତା ୨୦.୦୩.୨୦୨୫ ରିଖ ପୂର୍ବାହ୍ନ ଘ.୧୦.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱ୍ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଲୋକସଂଖ୍ୟା ଓ ଯାନବାହାନ ଦିନକୁ ଦିନ ବୃଦ୍ଧି ପାଉଅଛି ଯାତାୟତ ସୁବିଧା ପାଇଁ ପ୍ରଶସ୍ତ ରାସ୍ତାର ଆବଶ୍ୟକ ପଡୁଅଛି, କିନ୍ତୁ ଉତ୍କଳ ହସ୍ପିଟାଲ୍‌କୁ ଯାଇଥିବା ରାସ୍ତାର ପ୍ରସ୍ତ କମାଯାଇ ଫୁଟ୍‌ପାଥ ନିର୍ମାଣ କରାଯାଉଅଛି, ଏହିଭଳି ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ରାସ୍ତାର ପ୍ରସ୍ଥ ନକମାଇବା ପାଇଁ ପୂର୍ତ୍ତ ବିଭାଗକୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ୱାର୍ଡ଼ ନଂ-୫୨ ଗଙ୍ଗନଗର ସ୍ଥିତ କମ୍ୟୁନିଟି ସେଂଟର ପୁନଃଉଦ୍ଧାର ଏବଂ ଚତୁଃପାର୍ଶ୍ୱ ଉନ୍ନତିକରଣ କାର୍ଯ୍ୟ ଆଇନ୍‌ଗତ ଭାବେ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ୱାର୍ଡ଼ ନଂ-୫୨ ଗଙ୍ଗନଗର ସ୍ଥିତ ଗାୟତ୍ରୀ ମହିଳା ସମିତି ଗୃହ ବଳକା ଫେନ୍‌ସିଙ୍ଗ୍ କାର୍ଯ୍ୟ ଆଇନ୍‌ଗତ ଭାବେ ସମ୍ପାଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ୱାର୍ଡ଼ ନଂ-୫୨ ଫାର୍ମଗେଟ୍ ବସ୍ତିରେ ଥିବା କମ୍ୟୁନିଟି ସେଂଟର ବଳକା ଫେନ୍‌ସିଙ୍ଗ୍ କାର୍ଯ୍ୟ ଆଇନ୍‌ଗତ ଭାବେ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ୧୧.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ବେହେରା
ସଭାପତି
ତା ୨୦.୦୩.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୦୩.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୩୦ ମିନିଟ୍
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ଚେୟାରମ୍ୟାନ୍,
୨. ଶ୍ରୀମତୀ ଧରିତ୍ରୀ ଜେନା,
୩. ଶ୍ରୀମତୀ ବନ୍ଦିତା ପାଲ୍,
୪. ଶ୍ରୀ ଅଚ୍ୟୁତାନନ୍ଦ ସ୍ୱାଇଁ

ଅଦ୍ୟ ତା ୨୦.୦୩.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ କୁମାରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମର ଯେଉଁ ୱାର୍ଡ଼ ଅଫିସ୍ ଗୁଡ଼ିକ ନିର୍ମାଣ ସମ୍ପୂର୍ଣ୍ଣ ହୋଇଗଲାଣି ତାହାକୁ ଜନସାଧାରଣଙ୍କ ବ୍ୟବହାର ପାଇଁ ଉପଯୋଗ କରିବା ଏବଂ ସୁରକ୍ଷା ପାଇଁ ଜଣେ ଲେଖାଏଁ ସିକୁରିଟି ଗାର୍ଡ଼ ରଖିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୧୨.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- କୁମାରେନ୍ଦ୍ର ମହାପାତ୍ର
ସଭାପତି
ତା ୨୦.୦୩.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୦୩.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୦.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ନମିତା ମହାପାତ୍ର,
୩. ଶ୍ରୀମତୀ କବିତା ସ୍ୱାଇଁ,
୪. ଶ୍ରୀ ବିପ୍ଲବ ବେହେରା

ଅଦ୍ୟ ତା ୧୯.୦୩.୨୦୨୫ ରିଖ ପୂର୍ବାହ୍ନ ଘ.୧୦.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ଗୃହ ଗୁଡ଼ିକ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର ହେଉଅଛି ସେଠାରୁ ବ୍ୟବସାୟିକ ଗୃହ ଟିକସ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଗୃହର ପ୍ଲାନ୍ ଅନୁମୋଦନ ସମୟରେ Rain water harvesting କରିବା ପାଇଁ ସର୍ତ୍ତ ରଖିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ବର୍ତ୍ତମାନ ଜଳର ଅଭାବ ଦେଖା ଦେଉଥିବାରୁ ଗଛରେ ଓ ଶିଳ୍ପରେ ୱେଷ୍ଟ୍ ଜଳ ପୁନଃ ବ୍ୟବହାର କରିବା ପାଇଁ ସଚେତନ କରାଇବା ନିମନ୍ତେ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ବିଲ୍ଡର୍ ମାନେ ଲୋକ ମାନଙ୍କୁ ମୌଳିକ ସୁବିଧା ନଦେଇ ଗୃହ ବିକ୍ରି କରିଦେଇ ପଳାଉଛନ୍ତି, ପରେ ଲୋକମାନେ ବିଭିନ୍ନ ଅସୁବିଧା ଯଥା-ପାଣି, ସ୍ୱେରେଜ୍, ବିଦ୍ୟୁତ୍, ରାସ୍ତା ଓ ନାଳର ବ୍ୟବସ୍ଥା ପାଇଁ ଆସି ଭୁବନେଶ୍ୱର ମହାନଗର ନିଗମରେ ଦାବି କରୁଛନ୍ତି, ତେଣୁ ଅକୁପାନ୍ସି ସାର୍ଟିଫିକେଟ୍ ନଥିଲେ ଗୃହ ବିକ୍ରୟ/ କ୍ରୟ ନକରିବା ପାଇଁ ଜନସାଧାରଣ ସଚେତନ କରାଇବା ଏବଂ ରେଜିଷ୍ଟ୍ରି ନକରିବା ଓ sale for agreement deed ନକରିବା ପାଇଁ Sub Register, ଭୁବନେଶ୍ୱର ଓ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଯେଉଁମାନେ ବହୁତଳ ପ୍ରାସାଦ ନିର୍ମାଣ କରୁଛନ୍ତି ସେମାନେ ପ୍ଲାନ୍ ଅନୁମୋଦନର ବୃକ୍ଷରୋପଣ ପାଇଁ ବ୍ୟବସ୍ଥା କରିବା ନିମନ୍ତେ ସର୍ତ୍ତ ଥିଲେ ମଧ ତାହା ମାନୁନାହାଁନ୍ତି, ତେଣୁ ଯେଉଁମାନେ ବୃକ୍ଷରୋପଣ କରୁନାହାଁନ୍ତି ସେମାନଙ୍କର ଅକୁପାନ୍ସି ପ୍ରମାଣପତ୍ର ନଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମର ଯେଉଁ କର୍ମଚାରୀ ଚଳିତ ବର୍ଷ ଗୃହ ଟିକସ, ୟୁଜର୍ସ ଫି ଓ ସ୍ୱଚ୍ଛ ସର୍ଭେକ୍ଷଣ ସବୁଠାରୁ ଅଧିକ କରିବେ ସେମାନଙ୍କ ମଧ୍ୟରୁ ଚଳିତ ସ୍ୱାୟତ୍ତ ଶାସନ ଦିବସରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ୧୧.୨୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୯.୦୩.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୦୩.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ମିହିର କୁମାର ରାଉତ, ଚେୟାରମ୍ୟାନ୍
୨. ମୋନାଲିସା ବେହେରା,
୩. ଶ୍ରୀ ଲାଲମୋହନ ଟୁଡୁ,
୪. ଶ୍ରୀମତୀ ସୁଚିତ୍ରା ପାତ୍ର,
୫. ଶ୍ରୀ ରାମଚନ୍ଦ୍ର ରଣସିଂହ,
୬. ଶ୍ରୀ ରଶ୍ମିରଞ୍ଜନ ପାଟଶାଣୀ

ଅଦ୍ୟ ତା ୧୯.୦୩.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ମିହିର କୁମାର ରାଉତ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ମୁକ୍ତା ଯୋଜନାରେ ହୋଇଥିବା ପାର୍କ ଗୁଡ଼ିକରେ ଥିବା ଗଛ ଗୁଡ଼ିକ ପାଣି ନଦିଆଯିବାରୁ ସେଗୁଡ଼ିକ ମରିବାକୁ ଯାଉଅଛି, ତେଣୁ ସେଠାରେ ପାଣି ଦେବାପାଇଁ ବ୍ୟବସ୍ଥା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ମିଡ଼ିଆନ୍‌ର ରକ୍ଷଣାବେକ୍ଷଣ ଏବଂ ପାର୍କ ଗୁଡ଼ିକର ରକ୍ଷଣାବେକ୍ଷଣ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହିତ ଏକ ସ୍ୱତନ୍ତ୍ର ବୈଠକ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଆଗକୁ ବର୍ଷାଋତୁ ଆସୁଅଛି, ନିଗମାଂଚଳରେ ବୃକ୍ଷରୋପଣ କରିବା ପାଇଁ ଆଗୁଆ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

AS

ସ୍ୱା/- ମିହିର କୁମାର ରାଉତ
ସଭାପତି
ତା ୧୯.୦୩.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୦୩.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ଶ୍ରୀ ଅଜିତ୍ ବେହେରା,
୩. ସକିବା ମୁଶରତ୍,
୪. ଶ୍ରୀମତୀ ସୁଷମା ସାହୁ

ଅଦ୍ୟ ତା ୨୦.୦୩.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ମଣ୍ଡପ ବସ୍ତି ନିକଟସ୍ଥ ରାସ୍ତା ପାର୍ଶ୍ୱକୁ ଜବରଦଖଲ କରି କେତେକ ବ୍ୟକ୍ତି ଦୋକାନ ଗୃହ କରିଛନ୍ତି ଫଳରେ ଜନସାଧାରଣ ଓ ଯାନବାହାନ ଯାତାୟତରେ ଅସୁବିଧା ହେଉଅଛି, ତେଣୁ ସେଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଆଫୋର୍ଡେବୁଲ୍ ହାଉସ୍‌ରେ ଥିବା ବ୍ୟକ୍ତି କ୍ରିମିନାଲ୍ କାର୍ଯ୍ୟ କରୁଥିଲେ ସେମାନଙ୍କ ଘରର ଆବଂଟନ ରଦ୍ଦ କରି ଘର ଖାଲି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଜାଗା ମିଶନ୍ ଯୋଜନାରେ ଆର୍ଥିକ ଦୁର୍ବଳ ଅନ୍ତର୍ଗତ ଯେଉଁ ବସ୍ତିବାସିନ୍ଦାମାନେ ୩୨୩ ବର୍ଗଫୁଟ ଜାଗା ଯାଇ ଅର୍ଥ ଦେଇଛନ୍ତି ସେମାନେ ପ୍ରମାଣପତ୍ର ଦାଖଲ କଲେ, ସେମାନଙ୍କ ଅର୍ଥ ଫେରସ୍ତ କରିବା, ଯେଉଁମାନେ ୩୨୩ ବର୍ଗଫୁଟ ଜାଗା ପାଇଛନ୍ତି କିନ୍ତୁ ଅଧିକ ପଇସା ଦାଖଲ କରିଛନ୍ତି ସେମାନଙ୍କ ବଳକା ଅର୍ଥ ଫେରସ୍ତ କରିବା, ଯେଉଁମାନେ ପଟ୍ଟା ପାଇଁ ଅର୍ଥ ଜମା କରିଛନ୍ତି କିନ୍ତୁ ପଟ୍ଟା ପାଇନାହାଁନ୍ତି ସେମାନଙ୍କ ଅର୍ଥ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଫେରସ୍ତ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ ବସ୍ତିରେ ଜାଗା ମିଶନ୍ ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ ହୋଇଥିଲା । ଉକ୍ତ ଅର୍ଥ ରାଜ୍ୟ ସରକାର ନିଗମକୁ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ, ତେଣୁ ଉକ୍ତ କାର୍ଯ୍ୟ ଗୁଡ଼ିକ ପାଇଁ ଆବଶ୍ୟକ ଅର୍ଥ ଅନୁଦାନ ମଞ୍ଜୁର କରିବା ପାଇଁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୨୦.୦୩.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଗ୍ରୀଭାନ୍ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୦୩.୨୦୨୫ ରିଖ

ସମୟ-ଅପରାହ୍ନ ଘ.୫.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀମତୀ ପ୍ରଭାସିନି ମହାନ୍ତି,
୩. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ,
୪. ଶ୍ରୀ ଶିବ ନାରାୟଣ ରାୟ

ଅଦ୍ୟ ତା ୧୯.୦୩.୨୦୨୫ ରିଖ ଅପରାହ୍ନ ଘ.୫.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଦୀର୍ଘ ଏକ ବର୍ଷ ହେବ ଯେଉଁ ହିତାଧିକାରୀମାନେ ଭତା ନେଉନାହାଁନ୍ତି ସେମାନଙ୍କୁ ବାଦ୍ ଦେଇ ସେମାନଙ୍କ ସ୍ଥାନରେ ନୂଆ ହିତାଧିକାରୀ ଚୟନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବହୁ ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ଭତା ପାଇଁ ଦୀର୍ଘ ଦିନ ହେବ ଆବେଦନ କରିଛନ୍ତି, କିନ୍ତୁ ସେମାନଙ୍କୁ ଭତା ପ୍ରଦାନ କରାଯାଇପାରୁନାହିଁ, ତେଣୁ ଭୁବନେଶ୍ୱର ମହାନଗର ନିଗମ ସପକ୍ଷରେ ଅଧିକ ଭତା ଅନୁମୋଦନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ବ୍ୟକ୍ତି ବିନା ମିଟରରେ ବାହାରେ ପାଣିଟ୍ୟାପ୍ ସଂଯୋଗ ନେଇ ପାଣିର ଅପବ୍ୟବହାର କରୁଛନ୍ତି ଏବଂ ରାସ୍ତାକୁ ମଧ ପାଣି ଛାଡୁଥିବାର ଅଭିଯୋଗ ହେଉଅଛି, ତେଣୁ ସେଗୁଡ଼ିକୁ ଯାଂଚ୍ କରି ଏହିଭଳି ପାଣି ସଂଯୋଗକୁ ବନ୍ଦ କରିବା ପାଇଁ ୱାଟ୍‌କୋ ଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଆଗକୁ ବର୍ଷାଋତୁ ଆସୁଥିବାରୁ ନିଗମାଂଚଳରେ ଥିବା ନାଳ ଗୁଡ଼ିକୁ ସଫେଇ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୬.୧୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୧୯.୦୩.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୦୩.୨୦୨୫ ରିଖ

ସମୟ-ଅପରାହ୍ନ ଘ.୩.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ

ଅଦ୍ୟ ତା ୨୦.୦୩.୨୦୨୫ ରିଖ ଅପରାହ୍ନ ଘ.୩.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଯେଉଁ ପାର୍କିଙ୍ଗ୍ ସ୍ଥଳ ଗୁଡ଼ିକ ନିଲାମ ଯାଇନାହିଁ ସେଗୁଡ଼ିକ ପୁନଃ ନିଲାମ ଆହ୍ୱାନ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ମେଫେୟାର ରୋଡ୍ ସ୍ଥିତ ଶ୍ରୀଗୁରୁ କଲ୍ୟାଣମଣ୍ଡପ ନିକଟରେ ବହୁ ଗାଡ଼ି ଜମା ହେଉଅଛି ସେଠାରେ ପାର୍କିଙ୍ଗ୍ ସ୍ଥଳ ଘୋଷଣା କରାଯାଇ ପାର୍କିଙ୍ଗ୍ ଫି ଆଦାୟ କରିବା ନିମନ୍ତେ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). "ମା" କୋଚିଲାଖାଇ ହାଟରେ ଅବଶିଷ୍ଟ ରହିଯାଇଥିବା ପିଣ୍ଡି ଗୁଡ଼ିକ ହିତାଧିକାରୀଙ୍କୁ ଆଲର୍ଟମେଂଟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୩.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୨୦.୦୩.୨୦୨୫ ରିଖ

## ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୮.୦୩.୨୦୨୫ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପର୍ସନ୍,
୨. ଶ୍ରୀ ରାଜେଶ ପ୍ରଭାକର ପାଟିଲ୍, କମିଶନର
୩. ଶ୍ରୀମତୀ କେ. ଶାନ୍ତି, ସଭ୍ୟା
୪. ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ସଭ୍ୟା
୫. ଶ୍ରୀମତୀ ଭାରତୀ ସିଂ, ସଭ୍ୟା
୬. ଶ୍ରୀ ବିରଂଚି ନାରାୟଣ ମହାସୁପକାର,
ଚେୟାର୍‌ମ୍ୟାନ୍, ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି
୭. ଶ୍ରୀ ଶ୍ରୀଧର ବେହେରା, ଚେୟାର୍‌ମ୍ୟାନ୍, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି

ଅଦ୍ୟ ତା ୨୮.୦୩.୨୦୨୫ ରିଖ ଅପରାହ୍ନ ଘ.୦୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳର ନିମ୍ନବର୍ଣ୍ଣିତ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ କାର୍ଯ୍ୟ ସମ୍ପାଦନ କରାଯିବା ସମୟରେ କେତେକ Item, P.H Work, Design modification, (G+2) ଆଦି ପରିବର୍ତ୍ତନର ଆବଶ୍ୟକ ପଡ଼ିବାରୁ ରିଭାଇଜଡ଼ି ଅଟକଳ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ରିଭାଇଜଡ଼ି ଅଟକଳ |
|---|---|---|---|---|
| 1. | Constn. of Ward Office in Ward No.-31 File No.- XXIX-Div.-III-1307/2022 | Rs.39,14,143/- | Rs.41,02,022/- | Rs.58,06,137 /- |
| 2. | Constn. of Ward Office in Ward No.-61 File No.- XXIX-Div.-III-1326/2022 | Rs.39,14,143/- | Rs.33,27,413/- | Rs.40,29,495 /- |
| 3. | Constn. of Crematorium at Laxmisagar Smasan in Ward No.-43 File No.- XXIX-Div.-III-1160/2022 | Rs.56,70,476/- | Rs.59,48,329/- | Rs.94,96,170 /- |
| 4. | Renovation of Satyanagar Crematorium Bhubaneswar in Ward No.-34 File No.- XXIX-Div.-III-160/2023 | Rs.1,35,50,642/- | Rs.1,32,80,984/- | Rs.3,22,92,737 /- |
| 5. | Constn. of Ward Office in Ward No.-33 File No.- XXIX-Div.-III-1308/2022 | Rs.39,14,143/- | Rs.41,09,459/- | Rs.59,23,812/- |

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ କ୍ରମିକ ନମ୍ବର ୧ ରୁ ୩ ଓ ୫ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ପୁନଃରୀକ୍ଷଣ ଅଟକଳ (Revised Estimate) ସର୍ବ ସମ୍ମତିକ୍ରମେ କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ରମିକ ନମ୍ବର ୪ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ପୁନଃରୀକ୍ଷଣ ଅଟକଳ (Revised Estimate) ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୧-1(c) ତା

୨୨.୦୫.୨୦୧୮ ରିଖ ଅନୁଯାୟୀ ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ ସର୍ବ ସମ୍ମତିକ୍ରମେ କର୍ପୋରେସନକୁ ସୁପାରିସ କରାଗଲା ।

ପ୍ରକାଶ ଥାଉକି, ମଂଚେଶ୍ୱର ଓ ପଳାଶୁଣୀ ଠାରେ ଥିବା ମଶାଣିର ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ସମ୍ପାଦନ କରିବା ପାଇଁ ଜରୁରୀ ଆବଶ୍ୟକତା ଦୃଷ୍ଟିରୁ ଇଞ୍ଜିନିୟର୍ କଂଟ୍ରାକ୍ଟରଙ୍କ ମାଧମରେ ସମ୍ପାଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଇଞ୍ଜିନିୟର୍ କଂଟ୍ରାକ୍ଟରଙ୍କ ନାମ | ଅଟକଳ ମୂଲ୍ୟ | ଚୁକ୍ତିପତ୍ର ମୂଲ୍ୟ |
|---|---|---|---|---|
| 1. | Provision of 120 Watt LED street light in the existing Pole from Airport to Airport Staff Colony Road File No.-XXVII-14/2025 | Sai Electricals | Rs. 4,42,122/- | Rs.4,42,122/- |
| 2. | Internal wiring to the Pindis on ground floor at Bhawani Mall, Saheed Nagar File No.-XXVII-23/2025 | Supdex Services Pvt. Ltd. | Rs. 4,98,469/- | Rs.4,98,469/- |
| 3. | Provision of internal electrical wiring to Samantarapur light house in Ward No.-59 File No.-XXVII-44/2025 | Green Innovative Power Pvt. Ltd. | Rs. 4,98,498/- | Rs.4,98,498/- |

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୩. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1. | Constn. of road and drain in Ward No.-43 (1)-At Chintamaniswar Fishery Lane-3 (2)-At Chintamaniswar Fishery Lane-5 & 7 (3)-At Chintamaniswar Fishery Lane-13 (4)- At Londery lane (5)-At Mahunta House Lane (6)-At Old Post Office Lane File No.- XXIX-Div.-III-94/2024 | Rs.1,89.54,729/- | Rs.1,95,13,894/- | Purusottam Behera | 2.95 |

ନିର୍ଦ୍ଧାରଣ-୩. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(b) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୩୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା- ସୁଲୋଚନା ଦାସ
ସଭାପତି
ତା ୨୮.୦୩.୨୦୨୫ ରିଖ